# Visit of Minister of State for External Affairs and Parliamentary Affairs to Oman (December 16-17, 2020)

December 15, 2020

## ବୈଦେଶିକ ବ୍ୟାପାର ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ଓମାନ ଗସ୍ତ (16-17 ଡିସେମ୍ବର 2020)

**ଡିସେମ୍ବର 15, 2020**

ବୈଦେଶିକ ବ୍ୟାପାର ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ୍ 16-17 ଡିସେମ୍ବର 2020 ରେ ଏକ ସରକାରୀ ଗସ୍ତରେ ଓମାନ ଯିବେ। ରାଷ୍ଟ୍ରମନ୍ତ୍ରୀ ଭାବରେ ଏହା ତାଙ୍କର ଓମାନକୁ ପ୍ରଥମ ଗସ୍ତ ହେବ। ଏହି ଗସ୍ତ କାଳରେ ସେ ଓମାନର ବୈଦେଶିକ ମନ୍ତ୍ରୀ, ଶ୍ରମ ମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟିବେ। ସେ ଭାରତୀୟ ସମୁଦାୟର ଲୋକମାନଙ୍କ ସହିତ ଏବଂ ନବ ଗଠିତ ଓମାନ-ଭାରତ ବନ୍ଧୁତ୍ୱ ସଂଘ ସହିତ ମଧ୍ୟ ବାର୍ତ୍ତାଳାପ କରିବେ। ରାଷ୍ଟ୍ରମନ୍ତ୍ରୀ ଇଣ୍ଡିଆନ୍ ସୋସିଆଲ୍ କ୍ଲବ ବା ଭାରତୀୟ ସାମାଜିକ କ୍ଲବର ପ୍ରତିନିଧୀ, ସମାଜ ସେବକ, ଚିକିତ୍ସା ଏବଂ ଶିକ୍ଷା କ୍ଷେତ୍ରର ପେସାଦାର ତଥା ଯୋଗ ସଂଗଠନର ପ୍ରତିନିଧୀମାନଙ୍କୁ ଭେଟିବେ।

ଏହି ଗସ୍ତ କାଳରେ ରାଷ୍ଟ୍ରମନ୍ତ୍ରୀ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ତଥା ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ସେ ବିଶେଷ କରି ଭାରତୀୟ ସମୁଦାୟ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରିବେ। ଓମାନରେ 600,000 ରୁ ଅଧିକ ଭାରତୀୟ ବସବାସ କରନ୍ତି। କୋଭିଡ-19 ମହାମାରୀର ମୁକାବିଲା ପାଇଁ ଏବଂ ବନ୍ଦେ ଭାରତ ମିଶନ ଅଧୀନରେ ଓମାନରୁ ଭାରତୀୟମାନଙ୍କର ପ୍ରତ୍ୟାବର୍ତ୍ତନ ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିଛନ୍ତି। ଭାରତ ମଧ୍ୟ ସୁନିଶ୍ଚିତ କରିଛି ଯେ ଖାଦ୍ୟ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପାଇଁ ଯୋଗାଣ ବ୍ୟବସ୍ଥା ସୁରୁଖୁରୁରେ କାର୍ଯ୍ୟ କରୁଛି ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଓମାନକୁ ଫେରିବାରେ ସୁବିଧା ହୋଇଛି। ଏୟାର ବବଲ ବ୍ୟବସ୍ଥା ଦ୍ୱାରା ଉଭୟ ଦେଶ ମଧ୍ୟରେ ବିମାନ ଚଳାଚଳ ଚାଲିଛି। ଓମାନ ମଧ୍ୟ ଘୋଷଣା କରିଛିଯେ ଦଶ ଦିନ ପାଇଁ ଓମାନ ଭ୍ରମଣ କରିବା ପାଇଁ ଭାରତୀୟଙ୍କୁ ପ୍ରବେଶ ଭିସା ଛାଡ କରାଯିବ।

ଭାରତ ଓ ଓମାନ ମଧ୍ୟରେ ଭୌଗୋଳିକ, ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି ଏବଂ ଉଭୟ ଦେଶ ନିଜର ଉଷ୍ମ ଓ ଆନ୍ତରିକ ସମ୍ପର୍କକୁ ବଜାୟ ରଖିଛନ୍ତି। ଉଭୟ ଦେଶ ମଧ୍ୟରେ ରଣନୀତିକ ଭାଗିଦାରୀ ରହିଛି ଏବଂ ଦୁଇ ଦେଶ କୋଭିଡ-19 ମହାମାରୀ ସମୟରେ ଘନିଷ୍ଠ ଉଚ୍ଚ ସ୍ତରୀୟ ସମ୍ପର୍କ ବଜାୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ 2020 ରେ ଓମାନର ମହାରାଜା ସୁଲତାନ ହାଇଥାମ ବିନ ତାରିକଙ୍କ ସହ ଟେଲିଫୋନରେ କଥା ହୋଇଥିଲେ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ 2 ଡିସେମ୍ବର 2020 ରେ ଓମାନର ବୈଦେଶିକ ମନ୍ତ୍ରୀଙ୍କ ସହ ଏକ ଭର୍ଚୁଆଲ୍ ବୈଠକ କରିଥିଲେ। ଅକ୍ଟୋବର 2020 ରେ ଉଭୟ ଦେଶର ବାଣିଜ୍ୟ ମନ୍ତ୍ରଣାଳୟର ମନ୍ତ୍ରୀ ସ୍ତରୀୟ ଭାରତ-ଓମାନ ମିଳିତ ଆୟୋଗର ବୈଠକ (ଜେସିଏମ) ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଥିଲା।

**ନୂଆଦିଲ୍ଲୀ**

**ଡିସେମ୍ବର 15, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.